
fbb
INDIA'S FASHION HUB
WESTERN DRESS
STARTS AT ₹799
ଏହି ପୂଜା ରେ
ଚାହୁଁ ନୂଆ
ଫ୍ୟାଶନ୍
KIDS' CASUAL
STARTS AT ₹169
GET DUFFEL BAG WORTH ₹1790 AT ₹399
ON FASHION SHOPPING* OF ₹5000-₹7999
GET PERFUME SET WORTH ₹990 AT ₹99
ON FASHION SHOPPING* OF ₹3499-₹4998
ପ୍ରତ୍ୟେକ ପର୍ବରେ
BIG BAZAAR
EXTRA 10% OFF** WITH fbb SBI STYLEUP CARD
TO APPLY, SMS STYLEUP TO 5676791
**T&C APPLY
Scan for the collection
EXCLUSIVE fbb STORES Satyam Shivam Sundaram, 97 Janpath Road, Bhubaneswar • SGBL Square Mall, Durga Devi Complex, Town Hall Road, Cuttack
fbb STORES INSIDE BIG BAZAAR Forum Mart, Kharvel Nagar • Maruti Mall, Patia • Darga Bazaar, Cuttack • City Centre, Near Sanjeevani Hospital, Sambalpur • Opp. Manmohan Mee School, Sarbahal Road, Jharsuguda • Shanti Towers, Main Road, Rourkela • Kashvi Mall, Mining Road, Opp. Law College, Kendujhar • Guru Empires, Grand Road, Near Town Police Station, Puri • Krishna Plaza, Naya Pally, Beside ISCON Temple, Main Road, Bhubaneswar Esplanade One, Rasulgarh, Bhubaneswar
/fbbonline | Customer Helpline 1800 200 2255 | Now shop online at: www.fbbonline.in
*Offer valid on shopping of apparels & footwear only.

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୬ ଅକ୍ଟୋବର, ୨୦୧୮



ଯେତେବେଳେ ମଣିଷ ନୈରାଶ୍ୟର ଶେଷ ସୀମାରେ ପହଞ୍ଚିଯାଏ,
ସେତେବେଳେ ତା'ଠାରେ ଅଦ୍ଭୁତ ଶକ୍ତିର ପ୍ରକାଶ ଘଟିଥାଏ।
- ବେଞ୍ଜାମିନ୍ ଫ୍ରାଙ୍କଲିନ






# 'ଓଡ଼ିଶୀ' ସିଟି କାର୍ଡ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଓଡ଼ିଶୀ' ସିଟି କାର୍ଡ ଲୋକାର୍ପଣ କରୁଛନ୍ତି।

**ଭୁବନେଶ୍ୱର, ୫।୧୦ (ବ୍ୟୁରୋ)**

**୨୫ 'ମୋ ଓଡ଼ିଶୀ ସେଣ୍ଟର' ଉଦ୍‌ଘାଟିତ**

ସ୍ମାର୍ଟସିଟିରେ କ୍ୟାସ୍‌ଲେସ୍ ବ୍ୟବସ୍ଥାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ସଚିବାଳୟଠାରେ 'ଓଡ଼ିଶୀ' ସିଟି କାର୍ଡର ଲୋକାର୍ପଣ କରିଛନ୍ତି। ଏଥିସହ 'ମୋ ଓଡ଼ିଶୀ ସେଣ୍ଟର'କୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଲେ, କମନ ସିଟି ପେମେଣ୍ଟ ସିଷ୍ଟମ୍ (ସିସିପିଏସ) ଅନ୍ତର୍ଗତ ଏହି କାର୍ଡ ଜଣେ ସାଧାରଣ ନାଗରିକର ଆର୍ଥିକ କାରବାର କ୍ଷେତ୍ରରେ ଅନେକ ଆଖିଦୃଶିଆ ପରିବର୍ତ୍ତନ ଆଣିପାରିବ। ଆଶା କରୁଛୁ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଦ୍ୱାରା ଡିଜିଟାଲ ପେମେଣ୍ଟର ବହୁଳ ସମ୍ପ୍ରସାରଣ କରିପାରିବା। ତେବେ ଏଥିରେ ସହଯୋଗିତା ପାଇଁ ସେ ଆଇସିଆଇସି ବ୍ୟାଙ୍କକୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇସିଆଇସିଆଇ ବ୍ୟାଙ୍କର କାର୍ଯ୍ୟକାରୀ ନିର୍ଦ୍ଦେଶକ ଅନୁପ ବାଗଚୀ ଓ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର. ବାଲକ୍ରିଷ୍ଣ କହିଲେ, ଏହି କାର୍ଡ ସହରରେ ପ୍ରଥମ ଏବଂ ଅଗ୍ରଣୀ କାର୍ଡ ଭାବେ ପରିଗଣିତ ହେବ। ଏହା ମାଧ୍ୟମରେ ସମସ୍ତ ବିଲ୍ ପୈଠ କରିହେବ। ସହରର ୨୫ କେନ୍ଦ୍ରରେ ଏହି କାର୍ଡ ଉପଲବ୍ଧ ହେବ। ବିଏମ୍‌ସି, ବିଡିଏ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ଗୋଟିଏ କାର୍ଡ ପାଇଁ ୫୦ ଟଙ୍କା ନେବ ଓ ଏହା ୫ବର୍ଷ ପର୍ଯ୍ୟନ୍ତ ବୈଧ ରହିବ। ତେବେ କାର୍ଡ ରିଚାର୍ଜ ପାଇଁ ଅନ୍‌ଲାଇନ୍‌ରେ (smartcity.icicibank.com)କୁ ଯାଇ କିମ୍ବା ଓଡ଼ିଶୀ କେନ୍ଦ୍ରରେ କରି ପାରିବେ। ଆଗକୁ ୩୦୦ କେନ୍ଦ୍ର ଖୋଲାଯିବ ବୋଲି ସେମାନେ ସୂଚନା ଦେଇଛନ୍ତି।

# ଶିଶୁଭବନ ନିକଟରୁ ଶିଶୁର କଟାମୁଣ୍ଡ ଜବତ

**କଟକ ଅଫିସ,୫।୧୦**

ଶୁକ୍ରବାର ଅପରାହ୍ଣରେ ଶିଶୁଭବନ ନିକଟସ୍ଥ ଟ୍ରେଜେରି ଗେଟ୍ ସାମ୍ନାରୁ ଏକ ଶିଶୁର କଟାମୁଣ୍ଡ ଦେଖିବାକୁ ମିଳିଛି। ଆଖପାଖ ଲୋକ ଏନେଇ ଖବର ଦେବା ପରେ ପୋଲିସ ପହଞ୍ଚି କଟାମୁଣ୍ଡକୁ ଜବତ କରିଥିଲା। କିଭଳି ଶିଶୁର କଟାମୁଣ୍ଡ ଏଠାକୁ ଆସିଲା ତାହା ଜଣାପଡ଼ି ନ ଥିଲା ବେଳେ ପୋଲିସ ତଦନ୍ତ କରୁଛି। ତେବେ କଟାମୁଣ୍ଡକୁ ଦେଖିଲେ ଏହା କୌଣସି ନବଜାତ ଶିଶୁଙ୍କ ନୁହେଁ ବରଂ ବର୍ଷେ ଦୁଇ ବର୍ଷର ଶିଶୁର ବୋଲି ମନେ ହେଉଛି। ପୂର୍ବରୁ ମଧ୍ୟ ଶିଶୁଭବନ ଆଖପାଖ ଅଞ୍ଚଳରେ ନବଜାତ ଶିଶୁଙ୍କ ମୃତଦେହ ଦେଖିବାକୁ ମିଳିଛି। ମୃତ ଶିଶୁ ଜନ୍ମ ହେଲେ କେତେଜଣ ମାତାପିତା ଏଭଳି ଫିଙ୍ଗି ପଳାଉଥିବା ନଜିର ରହିଛି।

# ଲାଞ୍ଚ: ପୂର୍ବତନ ଆର୍‌ଆଇ ଦଣ୍ଡିତ

**କଟକ ଅଫିସ, ୫।୧୦**

ଶୁକ୍ରବାର ଆଗତ ଏକ ଲାଞ୍ଚ ମାମଲାର ଶୁଣାଣି କରି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ଜଣେ ଅଭିଯୁକ୍ତ ପୂର୍ବତନ ଆର୍‌ଆଇଙ୍କୁ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଉଛନ୍ତି ଲଡୁକିଶୋର ମହାପାତ୍ର। ସେ ପୂର୍ବରୁ ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଅଧୀନ ଗତିସାହି ରାଜସ୍ୱ ମଣ୍ଡଳର ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ସେ ଶରଣକୁଳ ଥାନା ଅଧୀନ ରମେଶ ଚନ୍ଦ୍ର ପାତ୍ର ନାମକ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୪୯/୨୦୦୯ରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାଟି କୋର୍ଟରେ ବିଚାରାଧୀନ ଥିଲା। ଏହାର ଶୁଣାଣି କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ଅଭିଯୁକ୍ତ ମହାପାତ୍ରଙ୍କୁ ୨ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଆଦାୟ ନ ହେଲେ ଅଭିଯୁକ୍ତଙ୍କୁ ଆଉ ଅଧିକ ୪ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଶୁଣାଇଛନ୍ତି। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ଏଚ୍.କେ. ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

# ସ୍ୱାଇନ୍ ଫ୍ଲୁରେ ଜଣେ ଆକ୍ରାନ୍ତ

**ଭୁବନେଶ୍ୱର, ୫।୧୦ (ବ୍ୟୁରୋ)**

ଡୁମ୍‌ଡୁମାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କଠାରେ ସ୍ୱାଇନ୍ ଫ୍ଲୁ ଭୂତାଣୁ ଚିହ୍ନଟ ହୋଇଛି। ଆକ୍ରାନ୍ତଙ୍କ ଘର କଟକ ସିଡିଏ ଅଞ୍ଚଳରେ। ମିଳିଥିବା ସୂଚନାନୁସାରେ, ଉକ୍ତ ବ୍ୟକ୍ତି ଜଣକ କିଛିଦିନ ତଳେ ଜମ୍ମୁକଶ୍ମୀର ବୁଲିବାକୁ ଯାଇ ଫେରିବା ପରେ ଅସୁସ୍ଥ ହୋଇପଡିଥିଲେ। ଦୁଇଦିନ ତଳେ ସେ ଫୁସଫୁସ ସଂକ୍ରମଣରେ ଆକ୍ରାନ୍ତ ହୋଇ ଚିକିତ୍ସା ନିମନ୍ତେ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ନ ଆସିବାରୁ ରକ୍ତ ନମୁନାକୁ ପରୀକ୍ଷା ପାଇଁ ଚନ୍ଦ୍ରଶେଖରପୁରସ୍ଥିତ ଆଇସିଏମ୍‌ଆରକୁ ପଠାଯାଇଥିଲା। ତେବେ ରିପୋର୍ଟରେ ସ୍ୱାଇନ୍ ଫ୍ଲୁ ପଜିଟିଭ୍ ବାହାରିବା ପରେ ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ମାଉସୀ, ପୁତୁରାଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

ପ୍ରେମ ପାଇଁ ଜୀବନ ଦେଇଛନ୍ତି ଏକ ପ୍ରେମୀ ଯୁଗଳ। ପ୍ରେମରେ ପରିବାର ଲୋକେ ବାଧାଦେବା ଭୟରେ ଉଭୟେ ଆତ୍ମହତ୍ୟାର ବାଟକୁ ବାଛିନେଇଛନ୍ତି। ଯୁବକ ଜଣକ ନାବାଳିକା ପ୍ରେମିକାଙ୍କ ସହ ମୟୂରଭଞ୍ଜରୁ ଲୁଚି ପଳାଇ ଆସିବା ପରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳର ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟରେ ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ଉକ୍ତ ଆପାର୍ଟମେଣ୍ଟରୁ ପୋଲିସ ସେମାନଙ୍କ ମୃତଦେହ ଜବତ କରିଛି। ସେମାନେ ସମ୍ପର୍କରେ ମାଉସୀ ଏବଂ ପୁତୁରା ହେବେ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଯୁବକ ଜଣକ ଚନ୍ଦ୍ରଶେଖରପୁର ଥାନା ଲୁମ୍ବିନୀ ବିହାର ଅଞ୍ଚଳରେ ଜଣେ ରାଜମିସ୍ତ୍ରିଙ୍କ ପାଖରେ ରହି କାମ କରୁଥିଲେ। ସେ ଗାଁକୁ ଯିବା ଆସିବା କରିବା ଭିତରେ ତାଙ୍କ ମାଉସୀଙ୍କୁ ଭଲ ପାଇ ବସିଥିଲେ। ଗତ ଗୁରୁବାର ସକାଳେ ସେ ମାଉସୀଙ୍କୁ ଧରି ଭୁବନେଶ୍ୱର ଚାଲି ଆସିଥିଲେ। ସେ ଲୁମ୍ବିନୀ ବିହାର ଅଞ୍ଚଳରେ କାମ କରୁଥିବା ଆପାର୍ଟମେଣ୍ଟ ପରିସରରେ ଥିବା ଏକ ଘରେ ରହୁଥିଲେ। ସେମାନେ ଗାଁରୁ ଆସିବା ପରେ ପରିବାର ଲୋକେ ସେମାନଙ୍କୁ ବୁଝାଇ ସୁଝାଇ ଘରକୁ ଫେରାଇ ନେବା ପାଇଁ ଭୁବନେଶ୍ୱର ଆସିଥିଲେ।

**ନିର୍ମାଣାଧୀନ ଆପାର୍ଟମେଣ୍ଟରୁ ମୃତଦେହ ଜବତ**

ଦିନ ସାରା ସେମାନଙ୍କୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ଶୁକ୍ରବାର ପରିବାର ଲୋକେ ଉକ୍ତ ରାଜମିସ୍ତ୍ରିଙ୍କ ନିକଟକୁ ଯାଇଥିଲେ। ପୂର୍ବାହ୍ଣ ପ୍ରାୟ ୧୧ଟାରେ ଦୁହେଁ ରହୁଥିବା ଘର ନିକଟକୁ ଯାଇଥିଲେ। ହେଲେ ସେମାନେ ଭୟରେ ଘରୁ ବାହାରି ନ ଥିଲେ। ରାଜମିସ୍ତ୍ରି ଏବଂ ପରିବାର ଲୋକେ ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଶେଷରେ ରାଜମିସ୍ତ୍ରି ପରିବାର ଲୋକଙ୍କୁ ଫେରିଯିବାକୁ କହିଥିଲେ। ସେମାନଙ୍କୁ ବୁଝାଶୁଝା କରି ଘରକୁ ପଠାଇବେ ବୋଲି ରାଜମିସ୍ତ୍ରି ଜଣକ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ଯିବା ପରେ ରାଜମିସ୍ତ୍ରି ମଧ୍ୟ କାମକୁ ଯାଇଥିଲେ। ମାତ୍ର ସେ କାମରୁ ଆସିବା ପରେ ପ୍ରେମୀ ଯୁଗଳ ଥିବା ଘରର କବାଟ ଭିତରୁ ବନ୍ଦ ଥିଲା। ସେମାନଙ୍କୁ ଡାକିଥିଲେ ମଧ୍ୟ ଶୁଣି ନ ଥିଲେ। ଶେଷରେ ସେ ଝରକା ପଟେ ଦେଖିବାରୁ ଦୁହେଁ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ। ଚନ୍ଦ୍ରଶେଖରପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା।





ଯେଉଁମାନଙ୍କ ବୁଦ୍ଧି ସବୁଠାରୁ କମ୍, ସେହିମାନେ ହିଁ ସବୁଠାରୁ ବେଶି କଥା କୁହନ୍ତି।

- ପ୍ଲାଟୋ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଦି ମ୍ୟାନ ପକ୍ଷରୁ 'ଅଟିଜିମ୍ ଆକ୍ରାନ୍ତଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ଆଇନଗତ ପଦକ୍ଷେପ ହେଉଛି ସାମାଜିକ ଦାୟିତ୍ୱ' ଶୀର୍ଷକ ଭାଷଣ ପ୍ରତିଯୋଗିତା, ଡିଏସ୍‌ବିଏମ୍ ସମ୍ମିଳନୀ କକ୍ଷ, ୟୁନିଟ୍-୮ ଡିଏଭି ସ୍କୁଲ୍ ନିକଟ, ସକାଳ ୮ଟା।
- ଶିଶୁ ଦିବସ ଉପଲକ୍ଷେ କସ୍ତୁରବା ନାରୀ ମହଲ ପକ୍ଷରୁ ଶିଶୁ ପ୍ରତିଯୋଗିତା, ପ୍ରତିଷ୍ଠାନ ପରିସର, ସକାଳ ୯ଟାରୁ ୨ଟା।
- ଓଡ଼ିଶା ଟ୍ରାଭେଲ ବଜାରର ଦ୍ୱିତୀୟ ଦିନରେ ପ୍ରଦର୍ଶନୀ ଉଦ୍‌ଘାଟନ, କ୍ରେତା ଓ ବିକ୍ରେତାଙ୍କ ବିଟୁବି ମିଟ୍, ଧଉଳି ସାଉଣ୍ଡ୍ ଆଣ୍ଡ୍ ଲାଇଟ୍ ଶୋ, ହୋଟେଲ ସ୍ୱସ୍ତି ପ୍ରିମିୟମ, ସକାଳ ୯ଟାରୁ ସନ୍ଧ୍ୟା ୬ଟା ୩୦।
- ଚିତ୍ରଶିଳ୍ପୀ ବି. ବିନିତା କୁମାରୀଙ୍କ ଚିତ୍ରକଳା ପ୍ରଦର୍ଶନୀ 'ଉତ୍କର୍ଷ'ର ପଞ୍ଚମ ଦିବସ, ଲଳିତକଳା ଏକାଡେମୀ, ଖାରବେଳ ନଗର, ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା।
- ଉଦୟଭାନୁ ଅନୁଷ୍ଠାନ ପକ୍ଷରୁ 'ମୋ ସ୍ୱାସ୍ଥ୍ୟ, ମୋ ହାତରେ' କାର୍ଯ୍ୟକ୍ରମ, ସୟଦ ମମତାଜ୍ ଅଲୀ ନୋଡ଼ାଲ ହାଇସ୍କୁଲ, ୟୁନିଟ୍-୮, ନୟାପଲ୍ଲୀ, ପୂର୍ବାହ୍ନ ୧୧ଟା ୪୫।
- ଖାଦ୍ୟ ମହୋତ୍ସବର ଶେଷ ଦିବସ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୪ଟା।
- ଲାୟନ୍ସ କ୍ଲବ ଭୁବନେଶ୍ୱର ଲୋଟସ୍ ତରଫରୁ ସ୍ୱଚ୍ଛ ଭାରତ ଓ ପଲିଥିନ୍ ବର୍ଜନ ଅଭିଯାନ, ବ୍ରହ୍ମେଶ୍ୱର ହାଟ ପରିସର, ଟଙ୍କପାଣି ରୋଡ୍, ଅପରାହ୍ନ ୪ଟା।
- ହକି ବିଶ୍ୱ କପ୍ ପରିପ୍ରେକ୍ଷୀରେ ଓଡ଼ିଶା ଖଣି ନିଗମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ଆୟୋଜିତ ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ଶିବିର ଉଦ୍‌ଯାପନ ଓ ଚିତ୍ରକଳା ପ୍ରଦର୍ଶନୀ, ପାନ୍ଥ ନିବାସ କଳିଙ୍ଗ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବର ଶେଷ ସନ୍ଧ୍ୟା, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୭ମ ଗୋଟିପୁଅ ଉତ୍ସବ ଓ ଆରାଧନା ସମ୍ମାନ -୨୦୧୮, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଜାତୀୟ ଆଦିବାସୀ କଳା, ସଂସ୍କୃତି, ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ 'ପରିଚୟ', ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୧ଟାରୁ ଆରମ୍ଭ। ସାଂସ୍କୃତିକ କାର୍ଯ୍ୟକ୍ରମ, ରାତି ୭ଟା।

**କଟକ**

- ପ୍ରଫେସର ଡ. କେଶବ ଚନ୍ଦ୍ର ସାହୁଙ୍କ ୧୬ତମ ସ୍ମୃତି ଦିବସ, ଡ. କେଶବ ଚନ୍ଦ୍ର ସାହୁ ମହିଳା ମହାବିଦ୍ୟାଳୟ ପରିସର, ପ୍ରଫେସରପଡ଼ା, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ଗୀତିକବି ସମାଜର ଗୀତିକବିତା ପୁସ୍ତକ ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

## ଜେଲରୁ ମୁକ୍ତ ହେଲେ ୨ କଏଦୀ

**ଚୌଦ୍ୱାର, ୫।୧୦ (ଡି.ଏନ.ଏ.):** ସରକାରଙ୍କ ଘୋଷଣାନାମା ଅନୁଯାୟୀ ଯେଉଁ କଏଦୀମାନେ ଶତକଡା ୬୬ ଭାଗ ସମୟ ଜେଲ୍‌ରେ ସଜ୍ଜା କାଟି ସାରିଥିବେ ସେମାନଙ୍କୁ ଗାନ୍ଧୀ ଜୟନ୍ତୀରେ ମୁକ୍ତ କରାଯିବ। ଏଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ, ଶୁକ୍ରବାର ଚୌଦ୍ୱାର ମଣ୍ଡଳ କାରାଗାରରୁ ୨ଜଣ କଏଦୀଙ୍କୁ ମୁକ୍ତ କରାଯାଇଛି। ସେମାନେ ହେଲେ ଯାଜପୁର ଜିଲାର ଟୁଟୁ ଦେହୁରୀ ଓ କଟକ ଜିଲାର ଜଗନ ଭୋଇ। ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ର ନାଥ ସ୍ୱାଇଁ ଏହି ସୂଚନା ଦେଇଛନ୍ତି।

## ପାରିବାରିକ ହିଂସାକାଣ୍ଡ, ୫ ଗିରଫ

**ବାଲୁଗାଁ,୫।୧୦(ଡି.ଏନ.ଏ.):** ବାଲୁଗାଁ ଥାନା ଧୂଆଁଳ ଗୋବର୍ଦ୍ଧନପୁର ସାହିରେ ଗୋଟିଏ ପରିବାରରେ ଘରଡ଼ିହକୁ ନେଇ ମାରପିଟ୍ ହୋଇଛି। ଏଥିରେ ୩ଜଣ ଆହତ ହୋଇଥିବା ବେଳେ ପୃଥକ୍ ଅଭିଯୋଗକ୍ରମେ ପୋଲିସ ୫ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରମିଳା ସାହୁ ଓ ତାଙ୍କ ପୁଅଝିଅ ଏବଂ ଅନ୍ୟପକ୍ଷର ଭାସ୍କର ସାହୁ ଓ ତାଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ଦେଈ। ଜମିଜମା ଓ ଘରଡ଼ିହକୁ କେନ୍ଦ୍ର କରି ଗୋଟିଏ ପରିବାରର ଦୁଇ ଯା'ଙ୍କ ମଧ୍ୟରେ ପ୍ରଥମେ କଳହ ଉପୁଜିଥିଲା। ଗୁରୁବାର ରାତିରେ ଘଟଣାକୁ ନେଇ ମାରପିଟ୍ ହୋଇଥିଲା।

# ପୁରୀ ହିଂସା ଥିଲା ପ୍ରାୟୋଜିତ

**ପୁରୀ ଅଫିସ, ୫।୧୦**

ପୁରୀ ବନ୍ଦ ବେଳେ ହିଂସା ଥିଲା ସମ୍ପୂର୍ଣ୍ଣ ପ୍ରାୟୋଜିତ। ଏଥିରେ ବଡ଼ଧରଣର ଷଡ଼ଯନ୍ତ୍ର ହୋଇଥିବା ପୋଲିସ ସୁରାକ୍ ପାଇଛି। ଆନ୍ଦୋଳନକାରୀମାନେ ଯେ ପୂର୍ବ ପ୍ରସ୍ତୁତ ହୋଇ ଆସିଥିଲେ ତାହା ହିଂସାର ଚିତ୍ରରୁ ସ୍ପଷ୍ଟ ଜଣାପଡୁଛି ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଆନ୍ଦୋଳନ ବୃହତର ରୂପ ନେବ ବୋଲି ପୂର୍ବରୁ ପୋଲିସକୁ ଗୋଇନ୍ଦା ବିଭାଗ ସୂଚନା ଦେଇଥିଲା। କିନ୍ତୁ ପୋଲିସ ହେୟଜ୍ଞାନ କରିବାରୁ ଏଭଳି ପରିସ୍ଥିତି ଉପୁଜିଲା ବୋଲି କୁହାଯାଉଛି।

ଶ୍ରୀଜଗନ୍ନାଥ ସେନା ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦେଇଥିଲା। କିନ୍ତୁ ଜୀବନ ଜୀବିକା ହରାଇଥିବା କେତେଜଣ ଲୋକଙ୍କର ପୋଲିସ ଉପରେ ଅସନ୍ତୋଷ ରହିଥିଲା। ସେମାନଙ୍କୁ ଏହି ଆନ୍ଦୋଳନ ସୁଯୋଗ ଦେଇଥିଲା। ଆନ୍ଦୋଳନର ଦିନକ ପୂର୍ବରୁ ସହରର ଅସାମାଜିକ ବ୍ୟକ୍ତିଙ୍କ ସହ ଯୋଗସୂତ୍ର ରକ୍ଷା କରି ହିଂସାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ଅନ୍ୟପକ୍ଷରେ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କୁ ବନ୍ଦ ଅବ୍ୟବହିତ ପୂର୍ବରୁ ଉଠାଇ ନେଇଥିଲା ପୋଲିସ। ଏହାପରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହିଂସାର ରୂପ ନେଲା ବୋଲି ଯାହା କୁହାଯାଉଛି କିନ୍ତୁ ପ୍ରକୃତପକ୍ଷେ ତାହା ନୁହେଁ। ପ୍ରିୟଦର୍ଶନ ଗିରଫ ହୋଇ ନ ଥିଲେ ମଧ୍ୟ ଏହି ହିଂସା ଘଟିଥାନ୍ତା ବୋଲି କୁହାଯାଉଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏବଂ ସହଯୋଗରେ ହୋଇଥିବା ବ୍ୟବସ୍ଥା କେତେଜଣ ବ୍ୟକ୍ତିଙ୍କ ବ୍ୟବସାୟକୁ ପ୍ରଭାବିତ କରିଥିଲା। ସେହିପରି କେତେଜଣ ଉଠାଦୋକାନୀ ପୋଲିସ ଜୁଲମ୍‌ରେ ଅତିଷ୍ଠ ହୋଇପଡିଥିବାରୁ ଏଥିରେ ସାମିଲ ହୋଇଥିଲେ। ଏହିପରି ପୁରୀ ବନ୍ଦ ଆକ୍ରମଣାତ୍ମକ ରୂପ ନେଇଥିଲା। ସିଂହଦ୍ୱାର ସମ୍ମୁଖରେ ବ୍ୟାରିକେଡ ଭଙ୍ଗା ଯାଉଥିବାର ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଏଥିରେ ୨ ଜଣ ସେବକ ରହିଛନ୍ତି। ସେମାନେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବୋଲି ଜଣାପଡିଛି। ଶୁକ୍ରବାର ଶରଧାବାଲିରେ ବିଜେଡିର ପ୍ରତିବାଦ ସଭାରେ ସେହି ଭିଡିଓକୁ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା। ସମ୍ପୃକ୍ତ ୨ ସେବକ ଏବେ ପୋଲିସ ଟାର୍ଗେଟରେ ଅଛନ୍ତି।

ଅନ୍ୟପକ୍ଷରେ ବନ୍ଦ ସମୟରେ ଯେଉଁମାନେ ସରକାରୀ ସମ୍ପତ୍ତି ଭଙ୍ଗାରୁଜା ଓ ପୋଡାଜଳା କରିଛନ୍ତି ସେମାନଙ୍କୁ ଚିହ୍ନଟ କରି ପୋଲିସ ଉଠାଇ ଆଣୁଛି। ଗୁରୁବାର ୧୧ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଶୁକ୍ରବାର ପୋଲିସ ୨୦ରୁ ୨୫ ଜଣଙ୍କୁ ଅଟକ ରଖିଥିବା ଚର୍ଚ୍ଚା ହେଉଛି। ହିଂସାକାଣ୍ଡକୁ ନେଇ ସିଂହଦ୍ୱାର ଥାନାରେ ୭ ଏବଂ ଟାଉନ୍ ଥାନାରେ ୯ ମାମଲା ରୁଜୁ ହୋଇଛି।



### ଶ୍ରୀମନ୍ଦିର କାନ୍ଥରେ ଲାଗିଲା ପୋଷ୍ଟର

ପୁରୀ ହିଂସାକାଣ୍ଡକୁ ନେଇ ଶ୍ରୀମନ୍ଦିର କାନ୍ଥରେ ଲାଗିଛି ପୋଷ୍ଟର। ଏଥିରେ ବିଷୟବସ୍ତୁ ଶେଷରେ ଛତିଶା ନିଯୋଗର ସମସ୍ତ ସଭ୍ୟ ବୃନ୍ଦ ଲେଖାଯାଇଥିବାବେଳେ ବହୁ ଦସ୍ତଖତ ରହିଛି। ପୋଷ୍ଟରରେ ଉଲ୍ଲେଖ ରହିଛିଯେ, ଯାହାସବୁଘଟିଲା ସେଥିପାଇଁ ଛତିଶା ନିଯୋଗର ସେବାୟତ ବୃନ୍ଦ ଦୁଃଖିତ। ଏହି ଦୁର୍ଘଟଣା ପାଇଁ ସେବାୟତଙ୍କୁ ଦୋଷାରୋପ କରିବାକୁ ଆମେ ନିନ୍ଦା କରୁଛୁ। ପ୍ରଶାସନିକ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଏବଂ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କୁ ଜୋରଜବରଦସ୍ତ ଘରୁ ଉଠାଇ ନେବାରୁ ଲୋକେ ଉତ୍ତ୍ୟକ୍ତ ହୋଇ ଏପରି କାର୍ଯ୍ୟ କରିଥିଲେ। ପିତୃପକ୍ଷ ଯୋଗୁ ସେଦିନ ଅନେକେ ସେବାୟତ ବେଶରେ ଥିଲେ, କିନ୍ତୁ ସେମାନେ ପ୍ରକୃତରେ ସେବାୟତ ନୁହନ୍ତି। ଯେଉଁ ମୁଷ୍ଟିମେୟ ସେବକ ଥିଲେ ସେମାନେ ରାଜନୈତିକ ଦଳର ଲୋକ। ସେମାନେ ଛତିଶା ନିଯୋଗର କର୍ମକର୍ତ୍ତା ନୁହନ୍ତି। ଅନ୍ୟପକ୍ଷରେ ପୋଷ୍ଟର କିଏ ଲଗାଇଛି ତାହା ସ୍ପଷ୍ଟ ହୋଇନାହିଁ।

# ଏମ୍‌ସିଏଲ୍ ପକ୍ଷରୁ ଭ୍ରଷ୍ଟାଚାର ବିରୋଧୀ ବେଳାଭୂମି ମହୋତ୍ସବ



**ପୁରୀ ଅଫିସ,୫।୧୦**

ଦୁର୍ନୀତି ଓ ଭ୍ରଷ୍ଟାଚାର ଏବେ ଭାରତର ସବୁ କୋଣକୁ ଛୁଇଁ ଗଲାଣି। ଭ୍ରଷ୍ଟାଚାରମୁକ୍ତ ଭାରତ ଗଠନ ନିମନ୍ତେ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍(ଏମ୍‌ସିଏଲ୍)ର ଭିଜିଲାନ୍ସ ବିଭାଗ ତତ୍ତ୍ୱାବଧାନରେ ପୁରୀ ବେଳାଭୂମିରେ ଭ୍ରଷ୍ଟାଚାର ବିରୋଧୀ ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସଂଧ୍ୟାରେ ଆୟୋଜିତ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ଭ୍ରଷ୍ଟାଚାରମୁକ୍ତ ଭାରତ ଗଠନର ବାର୍ତ୍ତା ଦିଆଯାଇଥିଲା।

ଏମ୍‌ସିଏଲ୍‌ର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ମୁନାଓ୍ୱାର ଖୁର୍ସିଦ, ସିଏମ୍‌ପିଡିଆଇର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ସନ୍ଦୀପ ରାଜ, ଇସିଏଲ୍‌ର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ରାଜେନ୍ଦ୍ର ଅଗ୍ରଓ୍ୱାଲଙ୍କ ସମେତ ଏମ୍‌ସିଏଲ୍‌ର ବରିଷ୍ଠ ଅଧିକାରୀମାନେ ଏଠାରେ ଉପସ୍ଥିତ ଥିଲେ। ଏଥିରେ ଖୁର୍ସିଦ ଉପସ୍ଥିତ ଜନସାଧାରଣଙ୍କୁ ଭ୍ରଷ୍ଟାଚାର ବିରୋଧରେ ଅଖଣ୍ଡତା ଶପଥପାଠ କରାଇଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ମାଟିରୁ ଭ୍ରଷ୍ଟାଚାରମୁକ୍ତ ଭାରତ ଗଠନ ପାଇଁ ଆରମ୍ଭ ହୋଇଥିବା ଏହି ଉଦ୍ୟମ ସଫଳ ହେବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ଭ୍ରଷ୍ଟାଚାର ବିରୋଧୀ ବିଷୟବସ୍ତୁ ଉପରେ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶ୍ରୀଜାତା ଉପାଧ୍ୟାୟ ମନମୁଗ୍ଧକର ସଙ୍ଗୀତ କରିବେଷଣ କରିଥିବା ବେଳେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ନୃତ୍ୟାଭିନୟ ବେଶ୍ ଚିତ୍ତାକର୍ଷକ ରହିଥିଲା। ବିଶିଷ୍ଟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ, କଳିକତାର ବାଦଲ ବରାଇ ବାଲୁକା କଳା (ଆନିମେଶନ) ଷ୍ଟେଜ ଲାଇଭ ଶୋ'ରେ ଭ୍ରଷ୍ଟାଚାର ବିରୋଧରେ ବାର୍ତ୍ତା ଦେଇଥିଲେ। ସମ୍ବଲପୁରର ଅଦୃଶ୍ୟ ନାଟ୍ୟାନୁଷ୍ଠାନ ପକ୍ଷରୁ ନାଟକ ପରିବେଷଣ କରାଯାଇଥିଲା।

# ସିବିଏସ୍‌ଇ କ୍ଲଷ୍ଟର-୨ ବାସ୍କେଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ



**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

ସିବିଏସ୍‌ଇ ଦ୍ୱାରା ଆୟୋଜିତ ଓ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ ଦ୍ୱାରା ପରିଚାଳିତ ସିବିଏସ୍‌ଇ କ୍ଲଷ୍ଟର-୨ ବାସ୍କେଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ତିନି ଦିନ ଧରି ଚାଲିଥିବା ଆନ୍ତଃରାଜ୍ୟସ୍ତରୀୟ ବାଳିକା ଓ ବାଳକ ଉଭୟ ବର୍ଗର ୧୭ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ବର୍ଗ ବାସ୍କେଟବଲ୍ ପ୍ରତିଯୋଗିତାରେ ଓଡ଼ିଶା, ଛତିଶଗଡ଼ ଓ ପଶ୍ଚିମବଙ୍ଗର ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ଉଭୟ ବର୍ଗରେ ଛତିଶଗଡ଼ର ରାଜନନ୍ଦଗାଁ ଦିଲ୍ଲୀ ପବ୍ଲିକ୍ ସ୍କୁଲ ବିଜୟୀ ଘୋଷିତ ହୋଇଥିବା ବେଳେ ପଶ୍ଚିମବଙ୍ଗର ପୁରୁଲିଆ ସୈନିକ ସ୍କୁଲ ବାଳକ ରନର୍ସ ଅପ୍ ଏବଂ ବିକାଶ ଦି କନ୍‌ସେପ୍ଟ ସ୍କୁଲ ବାଳିକା ରନର୍ସ ଅପ୍ ହୋଇଥିଲା। ସେହିପରି ୧୯ ବର୍ଷରୁ କମ୍ ବାଳିକା ଓ ବାଳକ ଉଭୟ ବର୍ଗରେ ଛତିଶଗଡ଼ର ରାଜନନ୍ଦଗାଁର ଯୁଗାନ୍ତର ପବ୍ଲିକ୍ ସ୍କୁଲ ବିଜୟୀ ହୋଇଥିଲା ବେଳେ ବାଳକ ବର୍ଗରେ ମଦର୍ସ ପବ୍ଲିକ୍ ସ୍କୁଲ ରନର୍ସ ଅପ୍ ଏବଂ ବାଳିକା ବର୍ଗରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ରନର୍ସ ଅପ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଶିକ୍ଷା ସହ କ୍ରୀଡ଼ା ପରି ଆନୁସଙ୍ଗିକ ଗୁଣର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ ମେୟର ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର କେ. ଶାନ୍ତି, ସିବିଏସ୍‌ଇର ପର୍ଯ୍ୟବେକ୍ଷକ ବିଜୟ ଭୂଷଣ ରଥ ଯୋଗଦେଇ ପିଲାମାନଙ୍କର କୃତିତ୍ୱ ଓ ଅଂଶଗ୍ରହଣ ନିମନ୍ତେ ଭୂୟସୀ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଅଧକ୍ଷା ତଥା ପରିଚାଳନା ସମ୍ପାଦିକା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ୍ ରଘୁନାଥ ମିଶ୍ର, ମ୍ୟାନେଜର ପ୍ରତାପ କୁମାର ଜେନା, ଆଡିଶନାଲ ମ୍ୟାନେଜର ଚିତ୍ତରଞ୍ଜନ ବୈରିଶାଲ୍, ଉପାଧକ୍ଷା ପଲ୍ଲବୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ କ୍ରୀଡ଼ା ଶିକ୍ଷକ ସତ୍ୟ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଲୋ ମାର୍ଚ୍ଚ ପରେ ଖେଳର ପତାକା ଅବତରଣ କରାଯାଇଥିଲା। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ କ୍ୟାମ୍ପ ଫାୟାର କରାଯାଇଥିଲା।

ଶିକ୍ଷୟିତ୍ରୀଙ୍କୁ ପ୍ରେମ ନିବେଦନ

# ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରଫ

**ବାଙ୍କୀ,୫।୧୦(ସ୍ୱ.ପ୍ର.)**

ଜଣେ ଶିକ୍ଷୟିତ୍ରୀଙ୍କୁ ପ୍ରେମ ନିବେଦନ କରିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ମହଙ୍ଗା ପଡିଛି। ଏହି ଅଭିଯୋଗରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ବାଙ୍କୀ ବ୍ଲକ ଅନ୍ତର୍ଗତ ଏକ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ବିଦ୍ୟାଳୟର ଜଣେ କନିଷ୍ଠ ଶିକ୍ଷୟିତ୍ରୀଙ୍କୁ ସେପ୍ଟେମ୍ବର ୨୮ ଅଶ୍ଳୀଳ ଏସ୍‌ଏମ୍‌ଏସ୍ ଓ ପ୍ରେମ ଚିଠି ପଠାଇବା ଅଭିଯୋଗରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଇଶି ପାହାଚ ସ୍ୱାଇଁଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ଏ ନେଇ ସମ୍ପୃକ୍ତ ଶିକ୍ଷୟିତ୍ରୀ ଗୁରୁବାର ବାଙ୍କୀ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ-୨୬୯/୧୮)ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ସ୍ୱାଇଁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପ୍ରେମ ଚିଠି ପଠାଇବା ସହ ଅଶ୍ଳୀଳ ଏସ୍‌ଏମ୍‌ଏସ୍ ପଠାଇଥିଲେ। ସମ୍ପୃକ୍ତ ଶିକ୍ଷୟିତ୍ରୀ ଜଣଙ୍କ ସେତେବେଳେ ଏହାକୁ ବିରୋଧ କରିଥିଲେ। ମାତ୍ର ସ୍ୱାଇଁ ଅକ୍ଟୋବର ୧ ରେ ପୁଣିଥରେ ଅଶ୍ଳୀଳ ଏସ୍‌ଏମ୍‌ଏସ୍ ପଠାଇଥିଲେ। ସମ୍ପୃକ୍ତ ଶିକ୍ଷୟିତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଆଇଆଇସି ସମୀର କୁମାର ପଣ୍ଡା ମାମଲା ରୁଜୁ କରି ଉପଖଣ୍ଡ ପୋଲିସ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ଦାୟିତ୍ୱ ଦେଇଥିଲେ। ସେ ଶୁକ୍ରବାର ସ୍ୱାଇଁଙ୍କୁ ଗିରଫ କରିଛନ୍ତି।

# ପ୍ରାଣନାଥ ଥିଲେ ଓଡ଼ିଶାର ଦ୍ୱିତୀୟ ସୁଭାଷ

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

ପ୍ରାଣନାଥ ପଟ୍ଟନାୟକ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଜନନେତା, ଶିକ୍ଷାବିତ୍, ସାମ୍ୟବାଦର ପୁରୋଧା ଥିଲେ। ତାଙ୍କୁ ଓଡ଼ିଶାର ଦ୍ୱିତୀୟ ସୁଭାଷ ଚନ୍ଦ୍ର ବୋଷ ବୋଲି କୁହାଯାଇ ପାରିବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ଶୁକ୍ରବାର ପ୍ରାଣନାଥ ପଟ୍ଟନାୟକ ସ୍ମୃତି ସମିତି ପକ୍ଷରୁ ସୂଚନା ଭବନଠାରେ ପ୍ରାଣନାଥଙ୍କ ୪୮ତମ ସ୍ମୃତିସଭା ଏବଂ ପ୍ରାଣନାଥ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ୍ କହିଥିଲେ, ରାଜ୍ୟର ଶିକ୍ଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପ୍ରାଣନାଥଙ୍କର ବିପୁଳ ଅବଦାନ ରହିଛି। ତାଙ୍କର ତ୍ୟାଗ ଓ ସାଧନା ଯୁବପିଢି ପାଇଁ ଅନୁସରଣୀୟ ହୋଇ ରହିବ। ସମ୍ମାନିତ ଅତିଥି ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ପ୍ରାଣନାଥଙ୍କୁ ଜଣେ ବିପ୍ଳବୀ କୃଷକ ନେତା ଓ ସାମ୍ୟବାଦୀ ଭାବେ ବର୍ଣ୍ଣନା କରିଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ହୃଦ୍‌ରୋଗ ବିଶେଷଜ୍ଞ ଡା. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ, ଶ୍ରମିକ ସଙ୍ଗଠକ ସୁବାସ ସିଂହ, ନାଟ୍ୟ ନିର୍ଦ୍ଦେଶକ ଗୋପାଳ ଦେ, ଅଭିନେତ୍ରୀ ବନଜା ମହାନ୍ତି ଏବଂ ଚିତ୍ରଶିଳ୍ପୀ ମାନସ ରଞ୍ଜନ ଜେନାଙ୍କୁ 'ପ୍ରାଣନାଥ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦୀପକ ମାଳବ୍ୟ, ଏମ୍‌ପି ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ସ୍ମୃତି ସମିତି ସଭାପତି ତଥା ଶିକ୍ଷାବିତ୍ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ, ସମ୍ପାଦକ ତଥା ସିନେ ସମୀକ୍ଷକ ଦିଲୀପ ହାଲି ବିବରଣୀ ପାଠ ଓ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ।

**୫ଜଣଙ୍କୁ 'ପ୍ରାଣନାଥ ସମ୍ମାନ'**

■ ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ: ୬ ଆହତ

# କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ସାଇନ-ଏ-ଡାଏ

**ନିରାକାରପୁର,୫।୧୦(ଡି.ଏନ.ଏ.)**

ଛାତ୍ର ସଂସଦ ନିର୍ବାଚନକୁ କେନ୍ଦ୍ରକରି ଶୁକ୍ରବାର ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଗଣ୍ଡଗୋଳ ଘଟିଥିଲା। ଜଣେ ଛାତ୍ରଙ୍କୁ କେତେଜଣ ଅଣଛାତ୍ର ମିଶି କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ମାଡ଼ ମାରିଥିଲେ। ଏହାକୁ ନେଇ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଗଣ୍ଡଗୋଳକାରୀମାନେ ବାଇକ୍ ଭଙ୍ଗାରୁଜା କରିବା ସହ ଓ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ୨ ଛାତ୍ର ଓ ୪ ଅଣଛାତ୍ର ଆହତ ହୋଇଛନ୍ତି। ଏହାକୁ ନେଇ କଲେଜରେ ସାଇନ-ଏ-ଡାଏ ଘୋଷଣା କରାଯାଇଛି। ଅପରାହ୍ନ ସାଢ଼େ ୧ଟାରେ କଲେଜରେ ନିର୍ବାଚନ କ୍ୟାମ୍ପେନିଂ ସାରି କେତେଜଣ ଛାତ୍ର ବାହାରକୁ ଆସିଥିବା ବେଳେ ଗେଟ ସମ୍ମୁଖରେ ଅଣଛାତ୍ରମାନେ ସେମାନଙ୍କୁ ବାଡ଼େଇଥିଲେ। ଏ ଘଟଣାରେ ୬ ଜଣ ଆହତ ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଅଶୋକ କୁମାର ବଳବନ୍ତରାୟଙ୍କୁ ପଚାରିବାରେ, ପୋଲିସ ଉପସ୍ଥିତିରେ କଲେଜ ପରିସରରେ ମାର୍‌ପିଟ୍ ହୋଇଥିଲା। ଏ ନେଇ ଜିଲା ପ୍ରଶାସନ ସହ ଆଲୋଚନା ପରେ ସେମାନେ ଏଭଳି ଗଣ୍ଡଗୋଳକୁ ଆଖି ଆଗରେ ରଖି କଲେଜକୁ ସାଇନ୍-ଏ-ଡାଏ ଘୋଷଣା କରିବାକୁ କହିଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ ରେଭେନ୍‌ଶା ବିକାଶ ଅଭିଯାନ ପ୍ରତିନିଧି




**ଭୁବନେଶ୍ୱର ୫।୧୦(ବ୍ୟୁରୋ)**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରାଯିବା ଦାବିରେ ଶୁକ୍ରବାର ରେଭେନ୍‌ଶା ବିକାଶ ଅଭିଯାନର ଏକ ପ୍ରତିନିଧି ଦଳ କୁଳାଧିପତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଭିଯାନ ସଭାପତି ଚିତ୍ତରଞ୍ଜନ ମହାନ୍ତି, ସମ୍ପାଦକ ସିଦ୍ଧାର୍ଥ ରଥ, ପ୍ରଶାନ୍ତ ଦାସ, କ୍ଷୀରୋଦ ମହାପାତ୍ର ପ୍ରମୁଖ କହିଛନ୍ତି ଯେ, ରେଭେନ୍‌ଶାରେ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରିବାକୁ ସୁପ୍ରିମକୋର୍ଟ ୨୦୦୬ ସେପ୍ଟେମ୍ବର ୨୨ରେ ରାୟ ଦେଇଥିଲେ। ଏହାକୁ ପାଳନ କରିବାକୁ ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ନିର୍ଦ୍ଦେଶ ଜାରି କରିଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଅମାନ୍ୟ କରି ଚଳିତ ବର୍ଷ ପରୋକ୍ଷ ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ ଛାତ୍ରୀଛାତ୍ର ବିରୋଧ କରିବା ସହ ପ୍ରତ୍ୟକ୍ଷ ନିର୍ବାଚନ ଦାବି କରି ଆସୁଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗଣ୍ଡଗୋଳ ନ ଥାଇ ନିର୍ବାଚନକୁ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଛନ୍ତି। ଏଥିପାଇଁ ଛାତ୍ରୀଛାତ୍ରମାନେ ଗଣତାନ୍ତ୍ରିକ ଉପାୟରେ ସାରାରାତି ଧାରଣାରେ ବସିଥିଲେ ମଧ୍ୟ କର୍ତ୍ତୃପକ୍ଷ ଆଲୋଚନା ନ କରି ଓଲଟା ସେମାନଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏଥିରୁ ରେଭେନ୍‌ଶା କର୍ତ୍ତୃପକ୍ଷ ଓହରିବା ସହ ଛାତ୍ରୀଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାର ଫେରାଇ ଦେବା ରାଜ୍ୟପାଳଙ୍କୁ ସ୍ମାରକପତ୍ର ଜରିଆରେ ନିବେଦନ କରାଯାଇଛି ବୋଲି ସେମାନେ କହିଛନ୍ତି।

ପାର୍ବଣ ଅବକାଶରେ ପ୍ରସ୍ତୁତି ବୈଠକ

# ଦୁର୍ଗା, ହରପାର୍ବତୀ ୯ ମେଢ଼, ୩୪ ମଣ୍ଡପରେ ଗଜଲକ୍ଷ୍ମୀ ପାଇବେ ପୂଜା

**ଖୋର୍ଦ୍ଧା ଅଫିସ,୫।୧୦**

ପାର୍ବଣ ଅବକାଶରେ ଖୋର୍ଦ୍ଧା ସହର ବିଭିନ୍ନ ପୂଜା ମଣ୍ଡପ ଓ କମିଟି କର୍ମକର୍ତ୍ତା ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସହରର ୫ଟି ପୂଜା ମଣ୍ଡପରେ ମା' ଦୁର୍ଗା ଏବଂ ୪ଟି ଜାଗାରେ ହରପାର୍ବତୀ ପୂଜା ପାଇବେ। ଦଶହରାରେ ବଡିଜୋନ ପକ୍ଷରୁ କରାଯାଉଥିବା ରାବଣପୋଡି ଉତ୍ସବ ରାତି ୧୦ଟା ସୁଦ୍ଧା ଶେଷ କରାଯିବ। ୨୦ ତାରିଖରେ ଦୁର୍ଗାମେଢ଼ ଓ ପରେ ହରପାର୍ବତୀ ମୂର୍ତ୍ତି ବିସର୍ଜନ ହେବ। ସହରରେ ଚଳିତବର୍ଷ ୩୪ ମଣ୍ଡପରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ। ଗଜଲକ୍ଷ୍ମୀ ପୂଜା ୨୪ ତାରିଖରୁ ଆରମ୍ଭ ହୋଇ ୩୧ ପର୍ଯ୍ୟନ୍ତ ଚାଲିବ। ୩୧ ତାରିଖ ଭସାଣିରେ ଭାଗ ନେବାକୁ ପୂଜା କମିଟିର ମେଢଗୁଡିକ ସ୍ଥାନୀୟ ବିଜେବି ହାଇସ୍କୁଲ ପଡିଆରେ ଏକତ୍ରିତ ହେବେ। ସନ୍ଧ୍ୟା ୬ଟାରେ ମିଳିତ ଭସାଣି ଶୋଭାଯାତ୍ରା ବାହାର ରାତ୍ରି ୧୧ଟା ସୁଦ୍ଧା ଶେଷ ହେବ। ବୈଠକରେ ଏସ୍‌ପି ଦୀପ୍ତି ରଞ୍ଜନ ରାୟ, ଉପଜିଲାପାଳ ସରୋଜ ସାହୁ, ବିଭିନ୍ନ ବିଭାଗୀୟ ଅଧିକାରୀ, ପୂଜା କମିଟି ସଦସ୍ୟ, କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିଏସ କଲେଜ ସାଇନ-ଏ-ଡାଏ

**ପୁରୀ ଅଫିସ, ୫।୧୦**

ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ) କଲେଜକୁ ଶୁକ୍ରବାର ସାଇନ-ଏ-ଡାଏ ଘୋଷଣା କରାଯାଇଛି। ଏହି ସୂଚନା ଦେଇଛନ୍ତି କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର। ଛାତ୍ର ସଂସଦ ନିର୍ବାଚନକୁ ନେଇ କ୍ୟାମ୍ପସରେ ଦେଖାଦେଇଥିବା ଅଶାନ୍ତି ଏବଂ ବୋମାମାଡ଼କୁ କେନ୍ଦ୍ର କରି ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ସାଇନ-ଏ-ଡାଏ ଘୋଷଣା ପରେ କେତେଜଣ ଛାତ୍ରନେତା ହୋହଲ୍ଲା କରିଥିଲେ। କ୍ୟାମ୍ପସରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ୨ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ।

ଶୁକ୍ରବାର ପୂର୍ବାହ୍ନରେ ନାମାଙ୍କନପତ୍ର ରଦ୍ଦ ହୋଇଥିବା ଛାତ୍ରମାନେ କଲେଜ ଅଧ୍ୟକ୍ଷଙ୍କୁ ଦାବିପତ୍ର ଦେଇ ଏହାର ପୁନର୍ବିଚାର କରିବାକୁ ଅନୁରୋଧ କରିଥିଲେ। ଏଥିରେ ରାଜି ନ ହେବାରୁ କଲେଜ ଅଧ୍ୟକ୍ଷଙ୍କୁ ନଜରବନ୍ଦୀ ରଖି ଗେଟରେ ତାଲା ଦେଇ ଧାରଣା ଦେଇଥିଲେ। ନାମାଙ୍କନପତ୍ର ରଦ୍ଦ ହୋଇଥିବା ପ୍ରାର୍ଥୀଙ୍କୁ ପୁଣିଥରେ ସୁଯୋଗ ଦିଆ ନ ଗଲେ, ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିବାକୁ ସେମାନେ ଦାବି କରିଥିଲେ। ଖବରପାଇ ସିଟି ଡିଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ ପହଞ୍ଚି ପିଲାଙ୍କୁ ବୁଝାଶୁଝା କରିଥିଲେ। ପରେ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କ୍ୟାମ୍ପସ ଆଗରେ ନାମାଙ୍କନପତ୍ର ରଦ୍ଦ ହୋଇଥିବା ପ୍ରାର୍ଥୀଙ୍କ ସମର୍ଥକମାନେ ବିକ୍ଷୋଭ କରିବାରୁ ସ୍ଥିତି ଅଣାୟତ୍ତ ହୋଇପଡିଥିଲା। ଏନେଇ କଲେଜ ଛାତ୍ର ସଂସଦ ନିର୍ବାଚନ କମିଟି, ଷ୍ଟାଫ କାଉନ୍‌ସିଲ କମିଟିକୁ ନେଇ ବୈଠକ ବସିଥିଲା। କ୍ୟାମ୍ପସରେ ଦେଖାଦେଇଥିବା ଅଶାନ୍ତି, ଛାତ୍ରୀନିବାସ ଓ କ୍ୟାମ୍ପସରେ ବୋମାମାଡ଼ ସମ୍ପର୍କରେ ଆଲୋଚନା ହୋଇଥିଲା। ସର୍ବସମ୍ମତି ନିଷ୍ପତ୍ତି କ୍ରମେ କଲେଜକୁ ସାଇନ-ଏ-ଡାଏ ଘୋଷଣା ଲାଗି ସ୍ଥିର ହୋଇଥିଲା। ସୂଚନାଯୋଗ୍ୟ, ଗୁରୁବାର ବିଳମ୍ବିତ ରାତିରେ ଛାତ୍ରୀ ନିବାସକୁ ଲକ୍ଷ୍ୟ କରି ସିରିଜ୍ ବୋମାମାଡ଼ ହୋଇଥିଲା।

କୁସୁମାଟିରେ ସ୍ପେଶାଲ ସ୍କ୍ୱାଡ୍‌ର ଚଢ଼ାଉ

# ୪ ଡକାୟତ ଗିରଫ

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

ଜଟଣୀ ଥାନା ଅନ୍ତର୍ଗତ କୁସୁମାଟି ଅଞ୍ଚଳରେ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ କରି ୪ ଡକାୟତଙ୍କୁ ଗିରଫ କରିଛି। ସେମାନେ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସେମାନଙ୍କୁ ପୋଲିସ ଭୁବନେଶ୍ୱର ଆଣିଛି। ସେମାନଙ୍କ ନିକଟରୁ ବନ୍ଧୁକ ଓ ଗୁଳି ଜବତ ହୋଇଛି। ରାଜଧାନୀରେ ଏକ ଆପରାଧିକ ଘଟଣା ପଛରେ ସମ୍ପୃକ୍ତ ଥିବା ଏକ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଫେରାର ଥିଲେ। ଅଭିଯୁକ୍ତମାନେ କୁସୁମାଟି ଅଞ୍ଚଳରେ ରହୁଥିବା ସ୍ପେଶାଲ ସ୍କ୍ୱାଡ୍‌କୁ ସୂଚନା ପାଇଥିଲା। ଶୁକ୍ରବାର ଅଭିଯୁକ୍ତମାନେ ଉକ୍ତ ଅଞ୍ଚଳରେ ଥିବା ଏକ ମନ୍ଦିର ପଛପଟେ ବସିଥିବା ବେଳେ ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରିଥିଲା। ଏହି ସମୟରେ ୨ ଜଣ ଫେରାର ହୋଇ ଯାଇଥିଲେ। ପୋଲିସ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ ହେଁ ଧରିବାରେ ସଫଳ ହୋଇ ନ ଥିଲା।




କୋଣାର୍କ ସୂର୍ଯ୍ୟମନ୍ଦିରଠାରେ ଶୁକ୍ରବାର ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆୟୋଜିତ କଶ୍ମୀର-ଓଡ଼ିଶା ଯୁବ ବିନିମୟ କାର୍ଯ୍ୟକମରେ ଯୋଗଦେଇଥିବା ୧୨୨ ପ୍ରତିନିଧି।

